# ଲୁଣି ଓ ଖାର ଜଳ ମାଛର ଚାହିଦା

**ଅଣତାରକା ପ୍ରଶ୍ନ ସଂଖ୍ୟା - ୧୮୩୧ - ଶ୍ରୀ ଅଶ୍ୱିନୀ କୁମାର ପାତ୍ର : ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଲୁଣି ଓ ଖାରଜଳ ମାଛର ଚାହିଦା ଅଧିକ କି, ମଧୁରଜଳ ମାଛ ଚାଷରେ କେମିକାଲ ତଥା ସାର ପ୍ରୟୋଗ ହେଉଥିବା ତଥା ଏପରି ମାଛ ଖାଇବାରେ ସ୍ୱାଦ କମି କମି ଯାଉଥିବା ସତ୍ୟ କି, ଯାହା ଶରୀର ପକ୍ଷେ କ୍ଷତି କାରକ ; ଏଥିରୁ ନିବୃତ ରହିବାକୁ ସରକାରଙ୍କର ନୀତିଗତ ବ୍ୟବସ୍ଥା କ'ଣ ?**

**ଉତ୍ତର**

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମନ୍ତ୍ରୀ** **ତା.୨୪.୦୯.୨୦୨୫**
**ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଓଡ଼ିଶା**

ଓଡିଶାରେ NFHS-5 ରିପୋର୍ଟ ଅନୁସାରେ ଶତକଡା ୯୫ ଭାଗ ଲୋକ ମାଛ ଖାଆନ୍ତି। ଏଥିରେ ଲୁଣି ଓ ଖାର ଜଳ ମାଛର ସ୍ଥାନ ସ୍ୱତନ୍ତ୍ର । ମଧୁର ଜଳ ମାଛ ଚାଷରେ ପ୍ରାୟତଃ ଚୂନ, Probiotic, Vitamin mineral mixture ପ୍ରୟୋଗ କରାଯାଏ, ଯାହା ମାଛ ଉତ୍ପାଦନ ପାଇଁ ଅପରିହାର୍ଯ୍ୟ, ଏବଂ ଏହା ଶରୀର ପାଇଁ କ୍ଷତିକାରକ ହୋଇନଥାଏ । କେତେକ କ୍ଷେତ୍ରରେ ମାଛ ଚାଷରେ ବ୍ୟବହାର ହେଉଥିବା ବିଭିନ୍ନ Antibiotic ପ୍ରୟୋଗ ଉପରେ ସମୁଦ୍ର ତଟିୟ ଜଳ ଚାଷ କର୍ତୃପକ୍ଷଙ୍କ (CAA) ତରଫରୁ ନିଷେଧାଦେଶ ଜାରି କରାଯାଇଛି । ଏଥି ନିମନ୍ତେ ଜିଲ୍ଲାସ୍ତରରେ Task Force ଗଠନ କରାଯାଇ ବିଭିନ୍ନ Aqua input shop ବ୍ୟବସାୟୀକ ସଂସ୍ଥା ଗୁଡ଼ିକୁ ନିୟମିତ ଯାଞ୍ଚ୍ କରାଯାଇଥାଏ ।